# ଫାରମ 1
## (ନିୟମ 3 ଦ୍ରଷ୍ଟବ୍ୟ)
## ନିର୍ବାଚନ ନୋଟିସ

ଏତଦ୍ଦ୍ୱାରା ନୋଟିସ ଦିଆଯାଉଛି ଯେ -

(1) ଓଡ଼ିଶା ବିଧାନ ସଭାକୁ **୯୩ – କଟକ ସଦର (ଅନୁସୂଚୀତ ଜାତି)** ନିର୍ବାଚନ ମଣ୍ଡଳୀରୁ ଜଣେ ସଭ୍ୟଙ୍କ ନିର୍ବାଚନ ହେବ ।

(2) **ତା.୦୬.୦୫.୨୦୨୪ ରିଖ** ସୁଦ୍ଧା ଯେ କୌଣସି ଦିନ (ସାଧାରଣ ଛୁଟି ଦିବସ ବ୍ୟତୀତ) **ପୂର୍ବାହ୍ନ 11 ଘଣ୍ଟା ଠାରୁ ଅପରାହ୍ନ 3 ଘଣ୍ଟା ମଧ୍ୟରେ** ପ୍ରାର୍ଥୀ ନିଜେ କିମ୍ବା ତାଙ୍କର କୌଣସି ଜଣେ ପ୍ରସ୍ତାବକ ମନୋନୟନ ପତ୍ର ଜିଲ୍ଲାପାଳ କଟକଙ୍କ କାର୍ଯ୍ୟାଳୟରେ ଅବସ୍ଥିତ **ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) କଟକ ଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠ (କୋଠରୀ ସଂଖ୍ୟା- ୧୫, ପ୍ରଥମ ମହଲା)** ସ୍ଥାନରେ **ରିଟର୍ଣ୍ଣିଂ ଅଧିକାରୀ** କିମ୍ବା **ରୁମାନା ଜାଫରୀ,** ଗୋଷ୍ଠୀ ଉନ୍ନୟନ ଅଧିକାରୀ, କଟକ ସଦର -ତଥା-ସହାୟକ ରିଟର୍ଣ୍ଣିଂ ଅଧିକାରୀଙ୍କ ନିକଟରେ ଦାଖଲ କରିପାରିବେ ।

(3) ପୂର୍ବୋକ୍ତ ସ୍ଥାନରେ ପୂର୍ବୋକ୍ତ ସମୟରେ ମନୋନୟନ ପତ୍ରର ଫାରମ ମିଳିପାରିବ ।

(4) **ଅତିରିକ୍ତ ଜିଲ୍ଲାପାଳ (ସାଧାରଣ), କଟକ ଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠ (କୋଠରୀ ସଂଖ୍ୟା- ୧୫, ପ୍ରଥମ ମହଲା) ସ୍ଥାନରେ ତା.୦୭.୦୫.୨୦୨୪ ରିଖରେ ପୂର୍ବାହ୍ନ ୧୧ ଘଣ୍ଟା** ସମୟରେ ମନୋନୟନ ପତ୍ର ଯାଞ୍ଚ କରାଯିବ ।

(5) ପ୍ରାର୍ଥୀତ୍ୱ ପ୍ରତ୍ୟାହରଣ ନିମନ୍ତେ ନୋଟିସ, ସ୍ୱୟଂ ପ୍ରାର୍ଥୀ ଅଥବା ତାହା ଦାଖଲ କରିବା ନିମନ୍ତେ ପ୍ରାର୍ଥୀଙ୍କ ଦ୍ୱାରା ଲିଖିତ ଭାବରେ ପ୍ରାଧିକୃତ ହୋଇଥିବା ତାହାଙ୍କ ପ୍ରସ୍ତାବକମାନଙ୍କ ମଧ୍ୟରୁ କୌଣସି ଜଣେ ବା ନିର୍ବାଚନ ଏଜେଣ୍ଟ ପାରାଗ୍ରାଫ (2)ରେ ବିନିର୍ଦ୍ଦିଷ୍ଟ ଯେକୌଣସି ଅଧିକାରୀଙ୍କ ନିକଟରେ **ତାହାଙ୍କ କାର୍ଯ୍ୟାଳୟରେ ତା.୦୯.୦୫.୨୦୨୪ ରିଖ ଅପରାହ୍ନ 3 ଘଣ୍ଟା ପୂର୍ବରୁ** ଦାଖଲ କରିପାରିବେ ।

(6) ଯଦି ନିର୍ବାଚନ ପ୍ରତିଦ୍ୱନ୍ଦିତାମୂଳକ ହୁଏ ତେବେ **ତା.୨୫.୦୫.୨୦୨୪ ରିଖରେ ପ୍ରାତଃ ୭:୦୦ ଘଣ୍ଟା ଠାରୁ ଅପରାହ୍ନ ୬:୦୦ ଘଣ୍ଟା ପର୍ଯ୍ୟନ୍ତ** ଭୋଟ ଗ୍ରହଣ କରାଯିବ ।

ସ୍ଥାନ: କଟକ

ତାରିଖ: ୨୯.୦୪.୨୦୨୪

ରିଟର୍ଣ୍ଣିଂ ଅଧିକାରୀ

ରିଟର୍ଣ୍ଣ ଅଧିକାରୀ
୯୩-କଟକ ସଦର (ସଂରକ୍ଷିତ)
ବିଧାନସଭା ନିର୍ବାଚନ ମଣ୍ଡଳୀ